# ପର୍ବତ ସମୂହର ସୁରକ୍ଷା ଉପରେ ଗୁରୁତ୍ୱ

ଢେଙ୍କାନାଳ,୧୨।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ବୁଦ୍ଧିଜୀବୀ ସଙ୍ଗଠନ ପକ୍ଷରୁ ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ବୋରାପଦାଠାରେ ବିଶ୍ୱ ପର୍ବତ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବୋରାପଦା ଅଞ୍ଚଳରେ ଥିବା ପର୍ବତ ପାଦଦେଶରେ ବନ୍ଦାପନା କରାଯାଇଥିଲା। ପର୍ବତ ସମୂହ ପ୍ରକୃତିର ମଣିଷ ସଦୃଶ। ଏହା ଉପରେ ସମଗ୍ର ଜନସଂଖ୍ୟାର ଶତକଡ଼ା ୧୫ ଭାଗ ବାସ କରନ୍ତି। ଏହା ଅର୍ଦ୍ଧାଧିକ ପ୍ରାଣୀ ଜଗତର ବାସସ୍ଥଳୀ। ପର୍ବତମାନଙ୍କରୁ ସୃଷ୍ଟ ଝରଣା ଓ ନଦୀର ଜଳ ପାନୀୟଜଳ, କୃଷି କାର୍ଯ୍ୟ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକତାକୁ ଅନେକ ମାତ୍ରାରେ ପୂରଣ କରୁଥିବା ବେଳେ ଏହା ମଧ୍ୟରେ ରହିଥିବା ବୃକ୍ଷଲତା ବାୟୁମଣ୍ଡଳକୁ ପ୍ରଚୁର ଅମ୍ଳଜାନ ପ୍ରଦାନ କରିଥାଏ। କିନ୍ତୁ ବର୍ତ୍ତମାନ ଖଣିଜ ପଦାର୍ଥ ଉତ୍ତୋଳନ, ଆଡିବନ୍ଧ ଓ ରାସ୍ତା ନିର୍ମାଣ ପାଇଁ ପର୍ବତଗୁଡିକୁ କାଟି ଦିଆଯାଉଛି। ଫଳରେ ପରିବେଶ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ସରକାର, ପ୍ରଶାସନ ଏହାକୁ ଅଣଦେଖା ନ କରି ପର୍ବତ ସମୂହର ସୁରକ୍ଷା କରିବା ସହିତ ଏହି ଦିବସକୁ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ପାଳନ କରିବା ପାଇଁ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ସଙ୍ଗଠନ ସଭାପତି ଡା. ତୁଷାରକାନ୍ତି ନାୟକ, ସଦସ୍ୟ ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ, ଦେବୀ ପ୍ରସାଦ ନନ୍ଦ, ଶୁଭଙ୍କର ସାହୁ, ରାଜେଶ୍ୱରୀ ସାହୁ ପ୍ରମୁଖ ମତବ୍ୟକ୍ତ କରିଥିଲେ।


ବୋରାପଦାଠାରେ ବିଶ୍ୱ ପର୍ବତ ଦିବସ ପାଳନ କରାଯାଉଛି।

# ଦାବି ପୂରଣ ନ ହେଲେ ଆନ୍ଦୋଳନ


ସାଧାରଣ ସଭାରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଅନୁଗୋଳ, ୧୨।୧୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋ ସ୍ମେଲଟର କାରଖାନା ଫାଟକ ଆଗରେ ୫ ଦଫା ସମ୍ବଳିତ ଦାବି ନେଇ ନାଲ୍‌କୋ ଠିକା ଶ୍ରମିକ ସମନ୍ୱୟ କମିଟିର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଲ୍‌କୋ ଠିକା ଶ୍ରମିକ ସମନ୍ୱୟ କମିଟି ମୁଖ୍ୟ ଉପଦେଷ୍ଟା ଚିକନ ଚନ୍ଦ୍ର ଦାସ, ସଭାପତି ବାବୁଲି ସେଠୀ, ଉପ ସଭାପତି ପ୍ରମୋଦ ସେଠୀ, କୁମର ସାହୁ, ସାଧାରଣ ସମ୍ପାଦକ ଅନୀଲ କୁମାର ବରାଳ, ସମ୍ପାଦକ ଶଶାଙ୍କ ଶେଖର ସାମଲ, ସଂଯୋଜକ ପ୍ରସନ୍ନ ମହାନ୍ତି, ମଳୟ ପରିଡା, ବିନୟ କୁମାର ପାତ୍ର, ଭୀମସେନ ସାହୁ, ଅଶୋକ ଛୋଟରାୟ, ଦୀପକ ବାରିକ, ଅଶୋକ ବେହେରା, ପ୍ରଶାନ୍ତ ରାଉତ, ରଞ୍ଜିତ ସାମଲ, ଇନ୍ଦ୍ରମଣି ରାଉଳ ଓ ସଙ୍ଗଠନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଭାପତି ସେଠୀ କହିଥିଲେ, ୨୯ ନଭେମ୍ବର ୨୦୨୩ରେ ନାଲ୍‌କୋ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ଓ ନାଲ୍‌କୋ ଅଧ୍ୟକ୍ଷ, ରାଜ୍ୟ ଓ କେନ୍ଦ୍ର ସରକାର, ଜିଲା ଲୋକ ପ୍ରତିନିଧି ଓ ଜିଲା ପ୍ରଶାସନଙ୍କୁ ୫ଦଫା ଦାବି ସ୍ୱତନ୍ତ୍ର ଅସରକାଳୀନ ରାଶି ତୁରନ୍ତ ଲାଗୁ କରବା, କ୍ୟାଣ୍ଟିନ ଭତ୍ତା ବୃଦ୍ଧି ବା ବିନା ମୂଲ୍ୟରେ ଖାଦ୍ୟ ବ୍ୟବସ୍ଥା, ଦକ୍ଷତାଭିତ୍ତିକ ପଦୋନ୍ନତି ଓ ଅତିରିକ୍ତ ମଜୁରୀ ତୁରନ୍ତ ଲାଗୁ, ଠିକା ଶ୍ରମିକ ମାନଙ୍କୁ ସୁରକ୍ଷା ଉପକରଣ, ଠିକା ଶ୍ରମିକ କଲୋନୀ ବା ଘର ଭଡ଼ା ରାଶି ତୁରନ୍ତ ଲାଗୁ ସମ୍ପର୍କରେ ଅବଗତ କରାଯାଇଥିଲା। କିନ୍ତୁ ଏଯାଏ ସମାଧାନ ବାଟ ନ ବାହାରିବାରୁ ଏହି ସାଧାରଣ ସଭା ମାଧ୍ୟମରେ ପୁନର୍ବାର ଅବଗତ କରାଗଲା। ଆସନ୍ତା ୨୦ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୨୧ ତାରିଖ ସମନ୍ୱୟ ସମିତି ଅଖଚକ ବନ୍ଦ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସାଧାରଣ ସଭାରେ ସ୍ମେଲଟର କାରଖାନାର ସହସ୍ରାଧିକ ଶ୍ରମିକ ଉପସ୍ଥିତ ଥିଲେ। ସଂଯୋଜକ ପ୍ରସନ୍ନ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଖାଦ୍ୟ ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ

ଢେଙ୍କାନାଳ,୧୨।୧୨(ରତନ ନାୟାର)

ଢେଙ୍କାନାଳ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ପରିସରରେ ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ମଙ୍ଗଳବାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ, ସାଂସ୍କୃତିକ ପ୍ରତିଯୋଗିତା ଆଦିରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମୁଖ୍ୟ ସଂଯୋଜକ ସଞ୍ଜୟ କୁମାର ମଲ୍ଲିକ, ସହ ସଂଯୋଜକ ସ୍ୱର୍ଣ୍ଣ ହୋତା, ନିରୁପମା ନାୟକ, ଡ. ନିହାର ରଞ୍ଜନ ନନ୍ଦଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ଡ. ସମୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେଡି ମହିଳା ରାଜ୍ୟ ଉପସଭାପତି ସାଇଶ୍ରୀ ପଟ୍ଟନାୟକ, ପୂର୍ବତନ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ କୁମାର ନାୟକ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ନିତ୍ୟ ରଞ୍ଜନ ତ୍ରିପାଠୀ, ଅଧ୍ୟାପିକା ସବୁଜଲତା ସାହୁ, ସମାପିକା ଦାସ, ସ୍ୱାତି ସୁଚରିତା ସ୍ୱାଇଁ, ଅନିମା ସାହୁ, ଡ. ସସ୍ମିତା ଦାସ, ଦୀପ୍ତିରେଖା ଜେନାଙ୍କ ସମେତ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଛାତ୍ରୀ ସୋନାଲିସା ଓଝା ଧନ୍ୟବାଦ ପ୍ରଦାନ କରିଥିଲେ।



ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟରେ ସାଂସ୍କୃତିକ ସଭା।

# ସାମାଜିକ ସଚେତନତା କାର୍ଯ୍ୟକ୍ରମ

ଢେଙ୍କାନାଳ,୧୨।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ଗେଙ୍ଗୁଟିଆସ୍ଥିତ ପଞ୍ଚାୟତ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ସାଙ୍କୁଲେଇ ପଞ୍ଚାୟତ ବେବର୍ତ୍ତାକାଟେଣୀ ଠାରେ ପ୍ଲାଷ୍ଟିକମୁକ୍ତ, ସ୍ୱଚ୍ଛତା ଓ ପରିମଳ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ। ସେହିପରି ହଳଦିବାରୀ ଗ୍ରାମରେ ସାକ୍ଷରତା ଅଭିଯାନ ଓ ବାଲ୍ୟ ବିବାହ ନିରୋଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଚେତନତା ସଭାରେ ଗ୍ରାମବାସୀ ଓ ବୁଦ୍ଧୀଜୀବୀମାନେ ଉପସ୍ଥିତ ଥିଲେ। ସେହିପରି ଗେଙ୍ଗୁଟିଆ ଗ୍ରାମରେ ଯୌତୁକ ନିରୋଧ ଓ ନିଶା ନିବାରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା କବିତା ମହାନ୍ତିଙ୍କ ନେତୃତ୍ୱରେ ସାମାଜିକ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।


ଗେଙ୍ଗୁଟିଆସ୍ଥିତ ପଞ୍ଚାୟତ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ।

# ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ଅନୁଗୋଳ, ୧୨।୧୨ (ଅମିତ କୁମାର ସାମଲ)

ରାସ୍ତା ପାର୍ଶ୍ୱରେ ଶୌଚ ହେଉଥିବା ବେଳେ ଏକ ଗାଡ଼ି ଧକ୍କା ଦେବାରୁ କଣିହାଁ ବ୍ଲକ ରେଙ୍ଗାଳି ଥାନା ବଜ୍ରକୋଟ ଗ୍ରାମର କେଳା ବେହେରାଙ୍କ ପୁଅ କନ୍ଦର୍ପ ବେହେରା (୩୩)ଙ୍କ ସୋମବାର ରାତିରେ ମୃତ୍ୟୁ ହୋଇଛି। କନ୍ଦର୍ପ ରାସ୍ତା କଡ଼ରେ ବାଇକ୍ ରଖି ଶୌଚ ହେଉଥିବା ସମୟରେ ଦୁର୍ଘଟଣା ଘଟାଇ ଏକ ଗାଡ଼ି ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କଣିହାଁଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଅନୁଗୋଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଯୁବପିଢ଼ି ହେଉଛନ୍ତି ଦେଶର ଭବିଷ୍ୟତ

ଢେଙ୍କାନାଳ,୧୨।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସରକାରଙ୍କ ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ତାରିଣୀସେନ ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଏହି ଉଦ୍‌ଘାଟନ ଉତ୍ସବରେ ଅତିଥି ଭାବେ ସଦର ଥାନା ଏସ୍‌ଆଇ ତୁଳସୀ ମଞ୍ଜରୀ ଭୂୟାଁ ଓ ଅରୁଣ କୁମାର ଦେହୁରୀ ଯୋଗଦେଇ ସାମ୍ପ୍ରତିକ ସମୟରେ ହେଉଥିବା ବିଭିନ୍ନ ସାଇବର ଠକେଇ ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଯୁବପିଢ଼ି ହେଉଛନ୍ତି ଦେଶର ଭବିଷ୍ୟତ ଏବଂ ସରକାରଙ୍କ ଏହି କାର୍ଯ୍ୟକ୍ରମ ସୁଦୂରପ୍ରସାରୀ ବୋଲି କହିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିବା ବେଳେ ଅଧ୍ୟାପିକା ମମତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟରୁ ବାହାରି କଲେଜ ଛକ ଓ ସିମିନଇ ବଜାର ପରିକ୍ରମା କରିଥିଲା। ସାମାଜିକ ସେବା ଅଧିକାରୀ ଅଧ୍ୟାପିକା ମମତା ପଣ୍ଡା, ଅଧ୍ୟାପିକା କବିତା ମିଶ୍ର, ଅଧ୍ୟାପକ ବିଷ୍ଣୁ ପ୍ରସାଦ ସାହୁ, ଅଧ୍ୟାପକ ସୁବାସ ଚନ୍ଦ୍ର ଷଣ୍ଢ, ରତ୍ନରେଖା ବେହେରା, ଆଶା ବେହେରା, ରକ୍ମିଣୀ ରାଉତ, ଅଧ୍ୟାପକ ଅଶୋକ ମହାରଣାଙ୍କ ସମେତ କର୍ମଚାରୀମାନେ ସହଯୋଗ କରିଥିଲେ। ମଙ୍ଗଳବାର କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଛାତ୍ରୀଛାତ୍ରମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରଖିବା ପାଇଁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା।



ସିମିନଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ବିକାଶ କାର୍ଯ୍ୟକ୍ରମରେ ଅତିଥିମାନେ।

# ନିର୍ବାଚନ, ବିଭିନ୍ନ ସମସ୍ୟା ନେଇ ଆଲୋଚନା



ଅନୁଗୋଳ, ୧୨।୧୨ (ଅମିତ କୁମାର ସାମଲ)

ଆଗାମୀ ସାଧାରଣ ନିର୍ବାଚନ ଓ ଅନୁଗୋଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ କଂଗ୍ରେସ ନେତୃବୃନ୍ଦ ଆଲୋଚନା କରିଛନ୍ତି। ଡେରଜାଙ୍ଗ ପ୍ରୋଜେକ୍ଟ ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ କଂଗ୍ରେସ ନେତାମାନେ ଏକାଠି ହୋଇ ଏହି ସବୁ ସମସ୍ୟାର ସମାଧାନ କିପରି ହୋଇପାରିବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏକ ବିବରଣୀ ପ୍ରସ୍ତୁତ କରାଯାଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନମାରଣ ନୀତି ବିରୋଧରେ ଆଗାମୀ ଦିନରେ ଜନସାଧାରଣଙ୍କୁ ଅବଗତ କରାଯିବା ସହିତ ଭାଜପା ଓ ବିଜେଡିକୁ ଅନୁଗୋଳରେ କିପରି ପରାସ୍ତ କରାଯିବ ସେ ବିଷୟରେ ଚର୍ଚ୍ଚା ହୋଇଥିଲା। ଏଥିସହ ବଆଁରପାଳରୁ ବଡକେରା ପର୍ଯ୍ୟନ୍ତ ରାସ୍ତା ମରାମତି ସହିତ ୪ ଲାଇନ ବିଶିଷ୍ଟ କରିବାକୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଦାବିପତ୍ର ଦିଆଯିବା, ତାଳଚେର ମେଡିକାଲ କଲେଜକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଅନୁଗୋଳ ପାରିପାର୍ଶ୍ୱରେ ଗଢ଼ି ଉଠିଥିବା ଶିଳ୍ପାନୁଷ୍ଠାନରେ ସ୍ଥାନୀୟ ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ, ଅନୁଗୋଳ ଜିଲାବାସୀଙ୍କୁ ୨୪ ଘଣ୍ଟିଆ ନିଃଶୁଳ୍କ ବିଦ୍ୟୁତ୍, ହାତୀ କବଳରୁ ଜନ ଜୀବନ ରକ୍ଷା କରିବା ଏବଂ ବନ୍ତଳା ଅଞ୍ଚଳରେ ଏକ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଅଗ୍ନିଶମ କେନ୍ଦ୍ର ଖୋଲିବା, ବେକାର ଯୁବତୀ ଯୁବକମାନଙ୍କୁ ଭତ୍ତା ପ୍ରଦାନ, ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ବିନା ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ ଆଦି ପାଇଁ ଦାବି ଉପସ୍ଥାପନ କରାଯିବ ବୋଲି ଆଲୋଚନା ହୋଇଥିଲା। ସେହିପରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଇଁ କାର୍ଯ୍ୟ କରୁଥିବା ଅସ୍ଥାୟୀ କର୍ମଚାରୀଙ୍କୁ ମାସିକ ୧୦ ହଜାର ଟଙ୍କା ଦରମା ଏବଂ କୃଷକ ଶ୍ରମିକଙ୍କୁ ଅଗ୍ରାଧିକାର ଭିତ୍ତିରେ ବୋନସ ପ୍ରଦାନ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିପ୍ଳବ ଜେନା, ବରିଷ୍ଠ ନେତା ପ୍ରବୋଧ କୁମାର ସ୍ୱାଇଁ, ତପନ ପ୍ରଧାନ, ବିନୋଦ ମାଝି, ନୀଳକଣ୍ଠ ନାୟକ, ବାପୁନ୍ ଦେହୁରୀ, ଅଭିଷେକ ନାୟକ, ମହିମା ଜେନା, ଅତିଶ ନାୟକ, ସୋଭିୟତ ମହାପାତ୍ର, କୈଳାଶ ପ୍ରଧାନ, ସୁଶୀଲ ନାୟକ ପ୍ରମୁଖଙ୍କ ସହ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।

# ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କଲେ ଅତିଥି

ଢେଙ୍କାନାଳ,୧୨।୧୨(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ନୂଆ ଓଡ଼ିଶା, ନବୀନ ଓଡ଼ିଶା ଆନୁକୂଲ୍ୟରେ କ୍ରୀଡା ଉତ୍ସବ ଶୁଭାରମ୍ଭ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଜିଲା ନୋଡାଲ ଅଧିକାରୀ ଡ. ଦେବାଶିଷ ମହାନ୍ତି, ମହାବିଦ୍ୟାଳୟ ନୋଡାଲ ଅଧିକାରୀ ଡ. ଅମୃତ ସେଠ୍ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏହି ପ୍ରତିଯୋଗିତାରେ ଭାଗନେବାକୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନରେ ୬ଟି ଦଳ ମଧ୍ୟରେ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୩ କ୍ରୀଡ଼ା କାର୍ଯ୍ୟକ୍ରମର ମୁଖ୍ୟ ତପନ କୁମାର ସେଠୀ, ଡ. ଅଦ୍ୱୈତ କୁମାର ସାହୁ କ୍ରୀଡ଼ା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।


ଢେଙ୍କାନାଳ ସ୍ୱୟଂଶାସିତ କଲେଜରେ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମ ଅବସରରେ ଅତିଥିଙ୍କ ସହ ପ୍ରତିଯୋଗୀମାନେ।

# ସମୃଦ୍ଧ ରାଷ୍ଟ୍ର ଗଠନରେ ଛାତ୍ରୀଛାତ୍ରଙ୍କ ଗୁରୁଦାୟିତ୍ୱ ରହିଛି

ଢେଙ୍କାନାଳ,୧୨।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବୋରାପଦାସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପକ୍ଷରୁ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମରେ ଅନୁଷ୍ଠିତ ନୂଆ ଓଡ଼ିଶା, ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ ଉତ୍ସବରେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ସମୃଦ୍ଧ ରଷ୍ଟ୍ର ଗଠନରେ ଛାତ୍ରୀଛାତ୍ର ଓ ବିଶେଷକରି ଯବପିଢିଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର, ପୂର୍ବତନ ନଗରପାଳ ସୁଧାଂଶୁ କୁମାର ଦଳେଇ ପ୍ରମୁଖ ଯୋଗ ଦେଇଥିଲେ। ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନ ଅଧ୍ୟକ୍ଷ ଚନ୍ଦ୍ରଶେଖର ତ୍ରିପାଠୀ, ପ୍ରଶିକ୍ଷଣ ଅଧିକାରୀ ନିରୁପମା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ପକ୍ଷରୁ ପ୍ରଣୟ ମାଧବ ଦାସ, ଜ୍ଞାନ ଭୂଷଣ ଚୌଧୁରୀ, ଧନେଶ୍ୱର ବେହେରା, ଭବାନୀ ଶଙ୍କର ସାହୁ, ମହେଶ ପ୍ରଧାନ ପ୍ରମୁଖଙ୍କ ଦ୍ୱାରା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତାପ ପ୍ରଧାନ ଓ ସୋନାଲି ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ପୂର୍ବାହ୍ନରେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଓ ଜିଲା ନିଯୋଜନ ଅଧିକାରୀ କେ. ରୋଜା ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ, ସାମାଜିକ ଓ କ୍ରୀଡ଼ା ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ସେହିପରି ଏକ ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା।



# ଦକ୍ଷ, ନିର୍ଭୀକ ଖବରଦାତା ଥିଲେ ପପୁ

## ଏଡିୟୁଜେ ପକ୍ଷରୁ ଶୋକସଭା

ଅନୁଗୋଳ, ୧୨।୧୨ (ଅମିତ କୁମାର ସାମଲ

'ଧରିତ୍ରୀ'ର ବଆଁରପାଳ ଖବରଦାତା ତଥା ଅନୁଗୋଳ ଜିଲା ସାମ୍ବାଦିକ ସଂଘ (ଏଡିୟୁଜେ) ଉପସଭାପତି ଉପେନ୍ଦ୍ର କୁମାର ରାଉତ (ପପୁ)ଙ୍କ ଅକାଳ ବିୟୋଗରେ ସଂଘ ପକ୍ଷରୁ ମଙ୍ଗଳବାର ଗଭୀର ଶୋକବ୍ୟକ୍ତ କରାଯାଇଛି। ଏ ନେଇ ଅନୁଗୋଳ ସହର ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସମ୍ମୁଖରେ ସଂଘ କାର୍ଯ୍ୟକାରୀ ସଭାପତି ଜୟନ୍ତ କୁମାର କରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୨ ମିନିଟ ନୀରବ ପ୍ରାର୍ଥନା ସହ ସ୍ୱର୍ଗତ ପପୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମନ୍ଦିରରେ ଦୀପଦାନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତିଙ୍କ ସମେତ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ପର୍ଯ୍ୟବେକ୍ଷକ ପର୍ଶୁରାମ ଦାଶ ପ୍ରମୁଖ ପପୁଙ୍କ ସ୍ମୃତି ଚାରଣ କରିଥିଲେ। ଅନୁଗୋଳ ଜିଲାର ଜଣେ ଦକ୍ଷ ତଥା ନିର୍ଭୀକ ଖବରଦାତା ଭାବେ ପପୁ ପରିଚିତ ଥିଲେ ବୋଲି ସଂଘ କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖବରଦାତା ସ୍ୱାଧୀନ ସାମଲ, ଅଜିତ ଧର, ନିରଞ୍ଜନ ନାଏକ, ରାଜେଶ ପାତ୍ର, ନିପୁ ଭୂତିଆ, ସାମାଜିକ କର୍ମୀ ପ୍ରତାପ ମହାପାତ୍ର, ବିଶ୍ୱଜିତ ବିଶ୍ୱାଳ, ଆଦ୍ୟଶ୍ଳୋକ ମିଶ୍ର, ସୁଶୀଳ ନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଏଡିୟୁଜେ ପକ୍ଷରୁ ଶୋକସଭା ସହ ମନ୍ଦିରରେ ଦୀପଦାନ କରାଯାଇଛି।

# ସେମିଫାଇନାଲରେ ଭାରତ

**କୁଆଲାଲମ୍ପୁର,୧୨।୧୨(ପି.ଟି.)**

**ଜୁନିୟର ହକି ବିଶ୍ୱକପ୍**

ମଙ୍ଗଳବାର ଭାରତୀୟ ହକି ଦଳ ଚମତ୍କାର ପ୍ରଦର୍ଶନ କରିବା ସହ କ୍ରମାଗତ ଦ୍ୱିତୀୟ ଥର ପୁରୁଷ ଜୁନିୟର ହକି ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଆରମ୍ଭରୁ ପଛୁଆ ରହିଥିଲେ ମଧ୍ୟ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଦଳ ୪-୩ରେ ନେଦରଲାଣ୍ଡ୍ସକୁ ପରାସ୍ତ କରିଥିଲା। ପ୍ରଥମ ଦୁଇ କ୍ୱାର୍ଟର ସୁଦ୍ଧା ୦-୨ରେ ପଛୁଆ ରହିଥିବା ବେଳେ ତୃତୀୟ କ୍ୱାର୍ଟର ସୁଦ୍ଧା ଦଳ ୨-୩ରେ ପଛୁଆ ରହିଥିଲା। ତେବେ ଅନ୍ତିମ କ୍ୱାର୍ଟରରେ ଦଳ ମ୍ୟାଚ୍‌ର ଫଳାଫଳ ପରିବର୍ତ୍ତନ କରିଥିଲା। ଏହା ସହ ଦଳ ଜର୍ମାନୀ ବିପକ୍ଷରେ ଏହାର ସେମିଫାଇନାଲ ମ୍ୟାଚ୍ ଖେଳିବ।

ମ୍ୟାଚ୍‌ର ଆରମ୍ଭରୁ ହିଁ ନେଦରଲାଣ୍ଡ୍ସ ଆକ୍ରମଣାତ୍ମକ ହକି ଖେଳିଥିଲା। ପ୍ରଥମ କ୍ୱାର୍ଟରର ପଞ୍ଚମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିବା ବେଳେ ଟିମୋ ବୋୟର୍ସ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଭାରତୀୟ ଦଳ ଏକ ଶକ୍ତିଶାଳୀ ଡିଫେନ୍ସ ଲାଇନ୍ ସହିତ ଖେଳିଥିଲେ ମଧ୍ୟ ଏହା ନେଦରଲାଣ୍ଡ୍ସକୁ ଅଟକାଇବାରେ ସକ୍ଷମ ହୋଇ ନ ଥିଲା। ଦ୍ୱିତୀୟ କ୍ୱାର୍ଟରର ପ୍ରଥମ ମିନିଟରେ ଭାରତ ବିପକ୍ଷରେ ଆଉ ଏକ ଗୋଲ ସ୍କୋର କରିଥିଲା ନେଦରଲାଣ୍ଡ୍ସ। ଆଉ ଏକ ପେନାଲ୍ଟି କର୍ନର ମିଳିଥିବା ବେଳେ ପେପିନ୍ ଭାନ୍ ଡର ହେଇନ୍ ଦଳକୁ ୨-୦ରେ ଆଗୁଆ କରିଥିଲେ। ଦ୍ୱିତୀୟ କ୍ୱାର୍ଟର ସୁଦ୍ଧା ଭାରତ ୦-୨ରେ ପଛୁଆ ରହିଥିବା ବେଳେ ତୃତୀୟ କ୍ୱାର୍ଟରରେ ଦୃଢ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲା। ୩୪ ତମ ମିନିଟରେ ଆଦିତ୍ୟ ଲାଲାଗେ ଭାରତ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଅରାଇଜିତ ସିଂ ହୁଣ୍ଡାଲଙ୍କ ଆସିଷ୍ଟରେ ଏହି ଗୋଲ୍‌ଟି ହୋଇଥିଲା। ଏହାର ଦୁଇ ମିନିଟ ପରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିଥିଲେ। ଏହି ଗୋଲ ବଳରେ ମ୍ୟାଚ୍ ସମାନ୍ତର ସ୍ଥିତିକୁ ଆସିଥିଲା। ତେବେ ୪୪ ତମ ମିନିଟରେ ନେଦରଲାଣ୍ଡ୍ସ ପକ୍ଷରୁ ଓଲିଭର ହର୍ଟେନସିୟସ ଆଉ ଏକ ଗୋଲ ଦେଇ ଦଳକୁ ୩-୨ରେ ଆଗୁଆ କରିଥିଲେ। ଅନ୍ତିମ କ୍ୱାର୍ଟରରେ ଭାରତ ଦୁଇଟି ଗୋଲ କରିବା ସହ ମ୍ୟାଚ୍‌କୁ ଜିତି ନେଇଥିଲା। ୫୨ ତମ ମିନିଟରେ ସୌରଭ ଆନନ୍ଦ କୁଶୱାହା ଏକ ଗୋଲ କରି ମ୍ୟାଚ୍‌କୁ ୩-୩ ସ୍ଥିତିକୁ ଆଣିଥିଲେ। ତେବେ ୫୭ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିବା ବେଳେ ଅଧିନାୟକ ଉତ୍ତମ ସିଂ ସ୍କୋର କରି ଭାରତକୁ ବହୁ ପ୍ରତୀକ୍ଷିତ ବିଜୟ ପ୍ରଦାନ କରିଥିଲେ। ଭାରତ ପକ୍ଷରୁ ଡିଫେଣ୍ଡର ରୋହିତ ଚମତ୍କାର ପ୍ରଦର୍ଶନ କରିଥିଲେ। ଅନ୍ତିମ କ୍ୱାର୍ଟରରେ ସେ ୬ଟି ପେନାଲ୍ଟି କର୍ନର ରୋକି ଭାରତ ବିଜୟରେ ମୁଖ୍ୟ ଭୂମିକା ନିଭାଇଥିଲେ। ରୋହିତଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

## ୧୯ ବର୍ଷରୁ କମ୍ ବିଶ୍ୱକପ୍ ଦଳ ଘୋଷଣା

**ମୁମ୍ବାଇ, ୧୨।୧୨ (ପି.ଟି.)**

ଆସନ୍ତାବର୍ଷ ଦକ୍ଷିଣ ଆଫ୍ରିକାରେ ହେବାକୁଥିବା ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି। ବର୍ତ୍ତମାନ ୧୯ବର୍ଷରୁ କମ୍ ଏସିଆକପ୍ ଖେଳୁଥିବା ଦଳର ଖେଳାଳିମାନେ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି।

## ୟୁନିଟ୍-୬ ଆସୋସିଏଶନ ବିଜୟୀ

**ଭୁବନେଶ୍ୱର, ୧୨।୧୨ (ତପନ ସ୍ୱାଇଁ):** ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ ନନ୍ଦ କିଶୋର ମେମୋରିଆଲ ମହିଳା ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ମଙ୍ଗଳବାର ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ବିଜୟୀ ହୋଇଛି। ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ମ୍ୟାଚରେ ୟୁନିଟ-୬ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ରୂପଶ୍ରୀ ମୁଣ୍ଡା ୮ ଓ ୧୭, ସୁସ୍ମିତା ସିଂ ୧୩ ଓ ୪୮ ଏବଂ ଆକାଶି ନାଏକ ୩୨ ଓ ୬୦ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ପ୍ରଭାବୀ ପ୍ରଦର୍ଶନ ପାଇଁ ରୂପଶ୍ରୀ ମୁଣ୍ଡାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

























































